# Akashvani, Sambalpur

## SAMBALPURI NEWS BULLETIN

### 11 September 2024- 6.47- 6.52 am.

***********************************************

ପୂର୍ଣ୍ଣାଙ୍ଗ ବଜେଟ-ବ୍ୟୟ ମଞ୍ଜୁରୀ ବିଲ/ ଆର୍‌ଏନ୍‌ୟୁ / ସମ୍ବଲପୁର

ବିଧାନ୍‌ସଭା ନ ୨୦୨୪-୨୫ ଆର୍ଥିକ୍ ବଛର୍‌ର ପୂର୍ଣ୍ଣାଙ୍ଗ ବଜେଟ୍ ଲାଗି ବ୍ୟୟ ମଞ୍ଜୁରୀ ବିଲ୍ ଗଲାକାଏଲ୍ ପାରିତ୍ ହେଇଛେ । ଇ ସମିଆଥି ବିଧାନ୍‌ସଭା ନ ଆଲୋଚନାର୍ ଉତର୍ ଦେଇକରି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ ଯେ, ଗୁଟେ ବିକଶିତ୍ ଓଡ଼ିଶା ଗଠନ୍ ଲାଗି ତାଙ୍କର୍ ସର୍‌କାର୍ ବଦ୍ଧ ପରିକର । ତାଙ୍କର୍ ଶାସନ୍ ବ୍ୟବସ୍ଥାଥି ବିତିୟ ଅନୁଶାସନ୍ ଆଏବା ୫ ବଛର୍‌ର ଲକ୍ଷ୍ୟକେ ପୂରଣ୍ କର୍‌ବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ସେ ଆହୁରି କହିଛନ୍ ଯେ, ୨୦୨୯ ତକ୍ ୨ ଲାଖ୍ ୫୦ ହଜାର୍ କୋଟି ଟଙ୍କାନୁ ଅଏତ୍‌କା ଘରୋଇ ପୁଞ୍ଜିନିବେଶ୍ ଆଉ ୨ ବିଲିୟନ୍ ଡଲାର୍‌ନୁ ଅଏତ୍‌କା ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜିନିବେଶ୍ ରାଜ୍ୟକେ ଆନ୍‌ବାର୍ ଲାଗି ଯୋଜ୍‌ନା କରାଯାଉଛେ । ଶିଳ୍ପ ଆଉ ଅଲ୍‌ଗା କ୍ଷେତ୍ର ନ ପ୍ରୋତ୍ସାହନ୍ ଜରିଏ ଆଏବା ୫ ବଛ୍‌ରେ ୩ ଲାଖ୍ ୫୦ ହଜାର୍

ନୂଆଁ ନିଯୁକ୍ତି ସୃଷ୍ଟି ଲାଗି ଲକ୍ଷ୍ୟ ରଖାଯାଇଛେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ସୁଭଦ୍ରା ଫର୍ମ ଆଉ ପଞ୍ଜିକରଣ୍ ଆର୍ଏନ୍ୟୁ /ସମ୍ବଲପୁର

ସୁଭଦ୍ରା ଫର୍ମ ଆଉ ପଞ୍ଜିକରଣ୍ ଲାଗି ଟଙ୍କା ମାଗ୍ଲେ କଡ଼ା କାର୍ଯ୍ୟାନୁଷ୍ଠାନ୍ ଗ୍ରହଣ୍ କରାଯିବା ବଲି ମହିଳା ଆଉ ଶିଶୁ ବିକାଶ୍ ବିଭାଗ୍ ତର୍ଫୁ କୁହାଯାଇଛେ । ଇ ଯୋଜ୍ନାଥି ଆବେଦନ୍ ଫର୍ମ ବାଂଟ୍ବାର୍ ଆଉ ଅନ୍ଲାଇନ୍ ପଞ୍ଜିକରଣ୍ କର୍ବାର୍ ଲାଗି ପଏସା ଦେବାର୍କେ ନାଇଁ ପଡ଼େ । ବିଭାଗ୍ ତର୍ଫୁ ସବୁ କେନ୍ଦ୍ରକେ ଫି’ ଫର୍ମ ଅପ୍ଲୋଡ଼ିଂ ଲାଗି ୧୫ ଟଙ୍କା ଦିଆଯାଉଛେ । ହେଲେ କେତେ ଜାଗା ନ ଅଙ୍ଗନବାଡ଼ି କର୍ମୀ, ଜନସେବା କେନ୍ଦ୍ର ଆଉ ମୋ ସେବା କେନ୍ଦ୍ର ନ ଫର୍ମ ଆଉ ଅନ୍ଲାଇନ୍ଥି ଫର୍ମ ଅପ୍ଲୋଡ଼୍ କର୍ବାର୍ ଲାଗି ୫୦ ନୁ ୨ ଶହ ଟଙ୍କା ଦାବି କରାଯାଉଥିବାର୍ ସର୍କାର୍ଙ୍କର୍ ନଜର୍କେ ଆସିଛେ ବଲି ବିଭାଗ୍ ତର୍ଫୁ କୁହାଯାଇଛେ ।

ନିର୍ମାଣ୍ ଶ୍ରମିକ୍ କଲ୍ୟାଣ୍ ସମାରୋହ ଆର୍ଏନ୍ୟୁ /ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ କନ୍‌ଭେନ୍‌ସନ୍ ସେଂଟର୍ ଠାନେ ନିର୍ମାଣ୍ ଶ୍ରମିକ୍ କଲ୍ୟାଣ୍ ସମାରୋହଥି ଯୋଗ୍ ଦେବେ । ଇଥି ଶ୍ରମିକ୍ ମାନ୍‌କର୍ ଭିନ୍ ଭିନ୍ ସାହାଜ୍ ଲାଗି ପଞ୍ଜିକରଣ୍ କରାଯିବାର୍ ସହେତେ ସେମାନ୍‌କୁ  ସାହାଜ୍ ଟଙ୍କା ଦିଆଯିବା । ଇ କାର୍ଯ୍ୟକ୍ରମ୍‌ଥି ଶ୍ରମ ମନ୍ତ୍ରୀ ଗଣେଶ୍ ରାମ୍ ସିଂ ଖୁଂଟିଆ ଭିଲ୍ ଯୋଗ୍ ଦେବେ । ଇନ ଜନେଇ ଦିଆଯାଇପାରେ ଯେ, ନିର୍ମାଣ୍ ଶ୍ରମିକ୍ କଲ୍ୟାଣ୍ ଯୋଜ୍‌ନା ଅଧୀନ୍‌ଥି ୪୩ ଲାଖ୍ ଶ୍ରମିକ୍ ପଞ୍ଜିକୃତ ହେଇଛନ୍ ।

ମୁଖ୍ୟମନ୍ତ୍ରୀ-ଏଫ୍‌ଆଇଏଚ୍ ସଭାପତି ଆର୍‌ଏନ୍‌ୟୁ /ସମ୍ବଲପୁର

ଅନ୍ତର୍ଜାତୀୟ ହକି ମହାସଂଘ - ଏଫ୍‌ଆଇଏଚ୍ ର ସଭାପତି ତୟାବ୍ ଇକ୍‌ରାମ୍ ଗଲାକାଏଲ୍ ଭୁବ୍‌ନେଶ୍ୱର୍ ନ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କୁ ଭେଟିଛନ୍ । ଇ ଅବ୍‌ସରେ ସେ ବିଶ୍ୱସ୍ତରୀୟ ହକିଥି ଓଡ଼ିଶାର୍ ଅବଦାନ୍ ଆଉ ରାଏଜେ ହକିର ବିକାଶ୍ ବାବ୍‌ଦେ ଆଲୋଚନା କରିଥିଲେ । ଦୁହିଙ୍କର୍ ଭିତ୍‌ରେ କ୍ରୀଡ଼ାର୍ ବିକାଶ୍ ଭିତିଭୂମି ବଢ଼ାବାର୍ ଆଉ ଆଏବା ଦିନେ

ଓଡ଼ିଶା ନ ଅନ୍ତର୍ଜାତୀୟ ଟୁର୍ଣ୍ଣାମେଂଟ୍ ଆୟୋଜନ୍ ବାଗିର୍ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ବିଷେ ଆଲୋଚନା ହେଇଥିଲା ।

ଗ୍ଲୋବାଲ୍ ବାୟୋ ଇଣ୍ଡିଆ-୨୦୨୪ ଆର୍ଏନ୍ୟୁ /ସମ୍ବଲପୁର

ନୂଆଦିଲ୍ଲୀ ପ୍ରଗତି ମଇଦାନ୍ ନ ଆଏବା କାଏଲ୍ ନୁ ୧୪ ତାରିଖ୍‌ତକ୍ ଗ୍ଲୋବାଲ୍ ବାୟୋ ଇଣ୍ଡିଆ-୨୦୨୪ ଆନ୍ତର୍ଜାତୀୟ କାର୍ଯ୍ୟକ୍ରମ ଆଉ ପ୍ରଦର୍ଶନୀ ହେବା । ବିଜ୍ଞାନ୍ ଆଉ ବୈଷୟିକ ବିଜ୍ଞାନ୍ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କର୍ ନେତୃତ୍ୱଥି ବିଭାଗୀୟ ବରିଷ୍ଠ ଅଧିକାରୀ, ବୈଜ୍ଞାନିକ ଆଉ ଭିନ୍ ଭିନ୍ ଷ୍ଟାର୍ଟଅପ୍‌କେ ନେଇକରି ଓଡ଼ିଶା ସର୍କାର୍‌ଙ୍କର୍ ଗୁଟେ ଦଲ୍ ଇଥି ଭାଗ୍ ନେବାର୍‌କେ ଯାଉଛନ୍ । କାର୍ଯ୍ୟକ୍ରମ୍‌ଥି ରାଜ୍ୟ ସର୍କାର୍‌ଙ୍କର୍ ବିଜ୍ଞାନ୍ ଆଉ ବୈଷୟିକ ବିଭାଗ୍ ବାୟୋଟେକ୍ନୋଲୋଜି କ୍ଷେତ୍ର ନ ଓଡ଼ିଶାର୍ ବହୁତ୍‌ଟେ ସମ୍ଭାବନାକେ ପ୍ରଦର୍ଶନ୍ କର୍‌ବା ।

ଜିପିଏସ୍  ଟୋଲ୍ ମଞ୍ଜୁରୀ       ଆର୍ଏନ୍ୟୁ /ସମ୍ବଲପୁର

କେନ୍ଦ୍ର ସଡ଼କ୍ ପରିବହନ୍ ଆଉ ରାଜ୍‌ପଥ୍ ମନ୍ତ୍ରଣାଳୟ ଗଲାକାଏଲ୍ ଜାତୀୟ ରାଜ୍‌ପଥ ଶୁଳ୍କ ନିୟମ୍-୨୦୦୮କେ

ସଂଶୋଧନ୍ କରିଛନ୍ । ଇତାର୍‌ସହେତେ ଘରୋଇ ଗାଡ଼ି ମାନ୍‌କର୍ ଜିପିଏସ୍ ଆଧାରିତ୍ ଟୋଲ୍ ବ୍ୟବସ୍ଥାକେ ମଞ୍ଜୁରୀ ଦେଇଛନ୍ । ସଂଶୋଧନ୍ ଅନ୍‌ସାରେ ଯେନ୍ ଗାଡ଼ିଥି ଜିଏନ୍‌ଏସ୍‌ଏସ୍ ଲାଗିଥିବା ସେ ଗାଡ଼ି ଦିନ୍‌କେ ଜାତୀୟ ରାଜ୍‌ପଥ୍ ଆର୍ ଏକ୍ସପ୍ରେସ୍ ୱେଥି ପହେଲା ୨୦ କିଲୋମିଟର୍‌ତକ୍ ମାହାଲିଆ ଯା'ଆସ୍ କରିପାର୍‌ବା । ୨୦ କିଲୋମିଟର୍ ଉତ୍‌ରୁ ଗାଡ଼ି ଯେତ୍‌କି ଚାଲ୍‌ବା ସେ ହିସାବେ ଟୋଲ୍ ଫିଂ' ଦେବେ ।

ସମ୍ବଲ୍‌ପୁର୍ ରେଲ୍‌ଷ୍ଟେସନ       ଆର୍‌ଏନ୍‌ୟୁ /ସମ୍ବଲପୁର

ସମ୍ବଲ୍‌ପୁର୍ ରେଲ୍‌ଷ୍ଟେସନ୍‌ଥି ୟାର୍ଡ଼ କାମ୍ ଚାଲୁଥିବାର୍‌ନୁ ବେଲାଇନ୍, ଲୋକୋ ରିଭର୍‌ସେଲ୍ ଲାଇନ୍ ଆର୍ ଇନ୍ସପେକ୍ସନ୍ କେରେଜ୍ ସାଇଡ଼ିଂ ସ୍ଥାନାନ୍ତରିତ ହେବା । ଇ କାମ୍‌ର ଗୁଟେ ଅଂଶ ଭାବେ ବେଲାଇନ୍‌କେ ଲମ୍ବା ପ୍ଲାଟ୍‌ଫର୍ମ ଭାବେ ସମ୍ପ୍ରସାରଣ୍ କରାଯିବା । ସାଢ଼େ ୪ ମାସ୍‌ଥି ସର୍‌ବାର୍‌କେ ଥିବାର୍ ଇ ପ୍ରକଳ୍ପ ଲାଗି ୫ ଜୋଡ଼ା ଟ୍ରେନ୍‌ର ଅସ୍ଥାୟୀ ମାର୍ଗ ପରିବର୍ତ୍ତନ୍ କରାଯାଉଛେ । ରେଲ୍‌ଷ୍ଟେସନ୍ ଭିତ୍‌ରେ ଅଏତ୍‌କା ଟ୍ରେନ୍ ଆଉ ଯାତ୍ରୀମାନ୍‌କର୍ ସୁବିଧା ଲାଗି ଷ୍ଟେସନ୍‌ର କ୍ଷମତାକେ ବଢ଼େଇକରି ୨ ଟା ନୂଆଁ ପ୍ଲାଟ୍‌ଫର୍ମ ତିଆରି କରାଯିବା । କେତେଟା ଟ୍ରେନ୍

ସମ୍ବଲ୍‌ପୁର୍ ଷ୍ଟେସନ୍‌କେ ନାଇଁ ଆସିକରି ସମ୍ବଲ୍‌ପୁର୍ ସିଟି ଷ୍ଟେସନ୍ ଆଉ ସର୍ଲା ଷ୍ଟେସନ୍ ଦେଇକରି କିଛି ଦିନ୍ ଲାଗି ଚାଲ୍‌ବା । ସେନ୍ତା ଝାର୍‌ସୁଗୁଡ଼ା- ସମ୍ବଲପୁର-ଝାର୍‌ସୁଗୁଡ଼ା ମେମୋ ଟ୍ରେନ୍ ଆଏବା ୨୦ ନୁ ଫେବୃଆରୀ ୫ ତାରିଖ୍ ଭିତ୍‌ରେ ଦୁହିଆଡୁ ନାଇଁ ଚାଲେ ।

ସ୍ନାତକୋତର ନାଁଲେଖା ଆର୍‌ଏନ୍‌ୟୁ / ସମ୍ବଲପୁର

ସ୍ନାତକୋତର ଲାଗି ୩ ନମ୍ବର୍ ଖେପ୍ ମେଧା ତାଲିକା ବାହାରିଛେ । ଇ ଖେପେ ମୋଟ୍ ୭ ହଜାର୍ ୯ ଶହ ୫୨ ଝନ୍ ଛାତ୍ରଛାତ୍ରୀ ନାଁଲେଖା ଲାଗି ବଛାଯାଇଛନ୍ । ଇଥି ୫ ହଜାର୍ ୫ ଶହ ୧୬ ଝନ୍ ଛାତ୍ରୀ ଥିବାର୍ ବେଲେ ୨ ହଜାର୍ ୪ ଶହ ୩୬ ଝନ୍ ଛାତ୍ର ଅଛନ୍ । ଇ ନାଁଲେଖା ଆଏଜ୍‌ନୁ ୧୩ ତାରିଖ୍‌ତକ୍ ଚାଲ୍‌ବା ।

ଜିଲ୍ଲାପାଲ୍ ବୈଠକ୍ ଦେବ୍‌ଗଡ଼୍ ସମ୍ବାଦଦାତା

ଦେବ୍‌ଗଡ଼୍ ଜିଲ୍ଲାପାଲ୍‌ଙ୍କର୍ ବିକାଶ୍ ଭବନ୍ ସମ୍ମିଳନୀ କକ୍ଷ ନ ଯୌନ ନିର୍ଯ୍ୟାତନା ପ୍ରତିରୋଧ୍ ଲାଗି ଗୁଟେ ବୈଠକ୍ ଗଲାକାଏଲ୍ ହେଇଯାଇଛେ । ଇଥି ଜିଲ୍ଲାପାଲ୍ କବୀନ୍ଦ୍ର କୁମାର୍ ସାହୁ ଅଧକ୍ଷତା

କରିଥିଲେ । ବୈଠକ୍‌ଥି ଭିନ୍ ଭିନ୍ କାର୍ଯ୍ୟାଳୟ ନ ମହିଳାମାନ୍‌କର୍ ଉପ୍‌ରେ ହେଉଥିବା ଯୌନ ନିର୍ଯ୍ୟାତନାର୍ ପ୍ରତିରୋଧ୍ କର୍‌ବାର୍ ଥିବା ଆଇନ୍‌କେ କଡ଼ାକଡ଼ି ଲାଗୁ କର୍‌ବାର୍ ଉପ୍‌ରେ ଜୋର୍ ଦିଆଯାଇଛେ ।

ପାଣିପାଗ ଆର୍‌ଏନ୍‌ୟୁ /ସମ୍ବଲପୁର

ବଙ୍ଗୋପ୍‌ସାଗର୍ ନ ସୃଷ୍ଟି ହେଇଥିବା ଲଘୁଚାପ୍‌ର ପ୍ରଭାବ୍‌ଥି ରାଏଜେ ବର୍ଷା ଜାରି ରହିଛେ । ଆଏଜ୍ ବର୍‌ଗଡ୍ , ଝାର୍‌ସୁଗୁଡ଼ା ଆର୍ ସୁନ୍ଦର୍‌ଗଡ୍ ନ ୭ ନୁ ୧୧ ସେଂଟିମିଟର୍‌ତକ୍ ବର୍ଷା ହେଇପାରେ । ଇଥିର୍‌ଲାଗି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ ବିଜ୍ଞାନ କେନ୍ଦ୍ର ୟେଲୋ ୱାର୍ଣ୍ଣିଂ ଜାରି କରିଛେ ।